

୧୮ ବର୍ଷ ● ୭ମ ସଂଖ୍ୟା ● ଜାନୁଆରୀ ୨୦୧୮ (ନୂଆବର୍ଷ ସ୍ୱତନ୍ତ୍ର)

ପ୍ରଚ୍ଛଦରେ : ଲକ୍ଷ୍ମୀ ତ୍ରିପାଠୀ
ବିଶେଷ ପ୍ରସଙ୍ଗ : ଅମ୍ରିତା ପ୍ରୀତମ: ମୁଁ ତାଙ୍କୁ ଯେମିତି ଜାଣେ
ପଞ୍ଜାବୀ ସଂସ୍କୃତି : ପଞ୍ଜାବର ସାଂସ୍କୃତିକ ଧାରା, ଲଙ୍ଗର
ପଞ୍ଜାବୀ ଚଳଚ୍ଚିତ୍ର : ପଞ୍ଜାବର ରୁପେଲି ଦୁନିଆ
ପର୍ଯ୍ୟଟନ : ଆସ ବୁଲିଯିବା ପଞ୍ଜାବ
ସାହିତ୍ୟ : ୧୩ଟି ମନନଶୀଳ ପଞ୍ଜାବୀ ଗଳ୍ପ, ୧୮ଟି ମନୋରମ ପଞ୍ଜାବୀ କବିତା
ନିୟମିତ : ରାଶିଫଳ, ଘରକରଣା, ରୂପଚର୍ଯ୍ୟା, ସ୍ୱାସ୍ଥ୍ୟ ସୂଚନା ଓ ଅନ୍ୟାନ୍ୟ ବିଭାଗ।

## ପ୍ରଚ୍ଛଦରେ ଲକ୍ଷ୍ମୀ ତ୍ରିପାଠୀ
### ଉପସ୍ଥାପନା : ଇତି ସାମନ୍ତ

ଭାରତୀୟ କିନ୍ନର ସମାଜରେ ଲକ୍ଷ୍ମୀ ତ୍ରିପାଠୀ ଜଣେ ବହୁଚର୍ଚ୍ଚିତ ବ୍ୟକ୍ତିତ୍ୱ। କିନ୍ନରମାନଙ୍କ ନାଗରିକ ଅଧିକାର ଏବଂ ସେମାନଙ୍କ ବିକାଶ ଦିଗରେ ଥିବା ସରକାରୀ ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ବଳିଷ୍ଠ ଦାବି ଜଣାଇବା ଦିଗରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛନ୍ତି। ମହାରାଷ୍ଟ୍ରର ଥାନେ ସହରରେ ବସବାସ କରୁଥିବା ଏହି ବିଖ୍ୟାତ କିନ୍ନର ଗୁରୁ ସଦାସର୍ବଦା ବିଭିନ୍ନ ସାମାଜିକ କର୍ମରେ ବ୍ୟସ୍ତ ରହିଥାନ୍ତି। ତାଙ୍କର ସେହି ସୁଦୀର୍ଘ କର୍ମ ପରିସର ମଧ୍ୟରେ ରହିଛି ଆମ ଓଡ଼ିଶା ତଥା ଆମ ଓଡ଼ିଶାର କିନ୍ନର ପରିବାର। ଆମ ରାଜ୍ୟର କିନ୍ନର ସମାଜ ଓ ତାହାର ଅନ୍ତର୍ଭୁକ୍ତ କିନ୍ନରମାନଙ୍କୁ ବେଶ୍ ଅନ୍ତରଙ୍ଗ ଭାବରେ ଜାଣନ୍ତି ସେ ଏବଂ ଖୁବ୍ ଭଲ ପାଆନ୍ତି ମଧ୍ୟ ସେମାନଙ୍କୁ। ତତ୍‌ସହିତ ସେମାନଙ୍କର ପଥପ୍ରଦର୍ଶକ ଭାବେ ମଧ୍ୟ କାର୍ଯ୍ୟକରି ଆସୁଛନ୍ତି।

## ପଞ୍ଜାବୀ ଗଳ୍ପ : ଶାନ୍ତିର ନିଃଶ୍ୱାସ
### ମୂଳ ରଚନା : କୁଲୱନ୍ତ ସିଂହ ଭିର୍କ, ଅନୁବାଦ : ଅରବିନ୍ଦ ବେହେରା

'ସେ ମୋ ବାପାଙ୍କଠାରୁ ବେଶୀ ଦରମା ପାଉଥିଲେ। ଆମ ପରିବାରଟି ଥିଲା ଖୁବ୍ ବଡ଼। ତେଣୁ ଚଳିବାରେ ଆମକୁ କଷ୍ଟ ହେଉଥାଏ। କିନ୍ତୁ ସେ ଆସି ମୋ ବାପାଙ୍କୁ ପଚାରୁଥିଲେ ଆମେ କିପରି ଏତେ ଭଲ ଚଳୁଛୁ ବୋଲି। ଆମେ ଆମର ଦାରିଦ୍ର୍ୟକୁ ଲୁଚାଇବାବେଳେ ସେ ତାକୁ ଅଳଙ୍କାର ପରି ପ୍ରଦର୍ଶନ କରୁଥିଲେ।'

## ପଞ୍ଜାବୀ ଗଳ୍ପ : ପେମିର ପିଲା
### ମୂଳ ରଚନା : ସନ୍ତ ସିଂହ ସେଖୋଁ, ଅନୁବାଦ : ସବିତା ବାରିକ ରାଉତ

ମନେମନେ ଆମେ ଦୁଇଜଣଯାକ ଭାବୁଥିଲୁ ଯେ ସେ ରାଜା ଆଉ ରାଣୀ ଠିକ ଆମ ବାପା ମା'ଙ୍କ ପରି। ଯଦି ଆମ ମା'କୁ କେବେ ମରିବାକୁ ହେବ ତେବେ ସେ ବି ଆମ ବାପାଙ୍କ ପାଖରୁ ଏମିତି ଶପଥଟିଏ କରେଇନେବ। ଏକଥା ଅବଚେତନରେ ଆମ ଦୁହିଁଙ୍କ ମନରେ ରହି ଯାଉଥିଲା। ମୁଁ ମନେମନେ ଭାବିଲି ମୋ ଭଉଣୀ ବି ଠିକ୍ ସେଇ ରାଜାଙ୍କ ଝିଅ ପରି ଆଉ ତାଙ୍କ ପୁଅ ଦୁଇଜଣ ଠିକ୍ ମୋ ପରି।

## ପଞ୍ଜାବୀ ଗଳ୍ପ : ଚମତ୍କାର
### ମୂଳ ରଚନା : କର୍ତାର ସିଂହ ଦୁଗ୍‌ଗଲ, ଅନୁବାଦ : ସଙ୍ଗୀତା ଗୋସାଇଁ

ବହୁତ୍ ଦୂରରୁ ହୁଇସିଲ୍ ମାରିମାରି ଟ୍ରେନ୍ ଦ୍ରୁତଗତିରେ ଆସିଲା। ଆମଠୁ ବେଶ୍ କିଛି ଦୂରରୁ ତା'ର ଗତି ଟିକେ କମିଗଲା। କିନ୍ତୁ ଟ୍ରେନ୍‌କୁ ପୂରା ରହିବା ପାଇଁ ତ ସମୟ ଲାଗିବ। ମୁଁ ଦେଖୁଥାଏ, ମୋ ଆଖିଆଗରେ ଟ୍ରେନ୍‌ଟି ମୋ ସ୍ୱାମୀଙ୍କ ଉପରେ ଚଢ଼ିଗଲା, ଆଉ ତା'ପରେ ତାଙ୍କ ସାଙ୍ଗମାନଙ୍କ ଉପରେ...ଆଉ ତା'ପରେ ମୁଁ ମୋର ଆଖି ବୁଜିଦେଲି। ଯେତେବେଳେ ମୁଁ ଆଖି ଖୋଲିଲି, ଦେଖିଲି ଟ୍ରେନ୍‌ଟି ମୋ ମୁଣ୍ଡ ପାଖେ ଠିଆ ହେଇଛି।

## ପଞ୍ଜାବୀ ଗଳ୍ପ : ଯାତ୍ରୀଟିଏ ପାଇଁ
### ମୂଳ ରଚନା : ସନ୍ତୋଖ୍ ସିଂହ ଧୀର, ଅନୁବାଦ : ବଙ୍ଗାଳୀ ନନ୍ଦ

ବାରୁ କେତେ ସମୟ ଆଉ ସେମାନଙ୍କୁ ଭଣ୍ଡିପାରିବ? ତେଣୁ ଆଉ ଗୋଟିଏ ନୂଆ ଉପାୟ ପାଞ୍ଚିଲା, ଶେଷରେ ସତ କଥାଟା କହିଲା, "ଆମେ ବାହାରିବା ବାବା! ଖାଲି ଆଉ ଜଣେ ପାସେଞ୍ଜର ମିଳିଯାଉ। ମୁଁ ଆଉ କିଛି ପଇସା ତ' ପାଇଯିବି!"

## ପଞ୍ଜାବୀ ଗଳ୍ପ : ସର୍ପ ଓ ସହର
### ମୂଳ ରଚନା : ସୁଖୱନ୍ତ କୌର ମାନ୍, ଅନୁବାଦ : ବିଦ୍ୟୁତ୍‌ପ୍ରଭା ଗନ୍ତାୟତ

ମା'ର ଅବସ୍ଥା ଭଲ ନ ଥିଲା। ସେ ଥରକୁ ଥର ସେଇ ଗୋଟିଏ ଭୟଙ୍କର ସ୍ୱପ୍ନ ଦେଖୁଥିଲା। ଗୋଟିଏ ସାପ ସର୍‌ସର୍ ହୋଇ ମୋ ବାପାଙ୍କ ପଛରେ ଗୋଡାଉଛି ଓ ଶେଷରେ ଦଉଡୁଥିବା ମୋ ବାପାଙ୍କ ପାଦରେ ଚୋଟଟେ ମାରି କୁଆଡ଼େ ଲୁଚି ଯାଉଛି। ତା'ପର ଘଟନା ଯାହା ହେଉଛି ସେ ସବୁ ଭାବିଭାବି ମୋ ମା'ର ଚେତା ବୁଡ଼ି ଯାଉଚି ଇତ୍ୟାଦି।

**ପଞ୍ଜାବୀ ଗଳ୍ପ : କୃଷ୍ଣ ସର୍ପ**

**ମୂଳ ରଚନା : ବଚିନ୍ତ କୌର, ଅନୁବାଦ : ଗାୟତ୍ରୀ ସରାଫ**

କୋହଭିଜା ଶୁଭୁଥିଲା ଭଗଓ୍ବନ୍ତୀଙ୍କ ସ୍ୱର । ଝିଅ କିଛି କହିପାରୁ ନ ଥିଲା । ସେ ରୁହନ୍ତୁ ବୋଲି କ୍ବାଇଁ ଚାହୁଁ ନ ଥିଲା । କ'ଣ କରିବ ଝିଅ ? ସ୍ୱାମୀଙ୍କ ପ୍ରତିକ୍ରିୟାଶୂନ୍ୟ ମୁହଁକୁ ଚାହିଁଥିଲା ମୁଖତିୟାରୋ ଓ ମନେମନେ ପ୍ରଚଣ୍ଡ କ୍ରୋଧରେ ଜଳି ଉଠିଥିଲା । ଭାବିଥିଲା, ଏ ଲୋକଟି ମୋର ସ୍ୱାମୀ ନୁହେଁ ମୋର ଶତ୍ରୁ ।

**ପଞ୍ଜାବୀ ଗଳ୍ପ : ଅଗ୍ନି କଳସ**

**ମୂଳ ରଚନା : ଗୁରୁବଚନ୍ ଭୁଲ୍ଲର, ଅନୁବାଦ : ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ**

ସତେ ଯେମିତି ଈଶ୍ୱର ଆତ୍ମବିସ୍ମୃତ ହେଇ ସଂସାରର ସବୁ ନାରୀ-ସୁଲଭ ମାଧୁର୍ଯ୍ୟ ଢାଳି ଦେଇଛନ୍ତି ଗୋଟିଏ ସୁନ୍ଦର ଦେହରେ, ଶାସ୍ତ୍ର ପୁରାଣରେ ବର୍ଣ୍ଣିତ ସବୁ ସୌନ୍ଦର୍ଯ୍ୟ ଏକାଠି ହେଇଛି ଏଇ ଚଳନ୍ତି ପ୍ରତିମାରେ ! ସୁରିନ୍ଦର୍‌କୁ ଲାଗିଲା ସେ ଭାବିଥିବା ସରସ୍ୱତୀଙ୍କର ଉଭୟ ଛାୟାମୂର୍ତ୍ତିର ମିଶ୍ରଣ ଏଇ ଝିଅଟି - କଳକଳ ବୋହି ଯାଉଥିବା ଶୁଭ୍ର ଜଳରାଶିର ନଦୀଟିଏ, ପୁଣି ତା' ମଧୁର କଣ୍ଠସ୍ୱରରୁ ଲାଗୁଛି, ଶ୍ୱେତପଦ୍ମାସୀନା ଦେବୀଙ୍କର ବୀଣାରୁ ନିଃସୃତ ସୁନ୍ଦର ଧ୍ୱନିଟିଏ ।

**ପଞ୍ଜାବୀ ଗଳ୍ପ : ଆସ ଯିବା**

**ମୂଳ ରଚନା : ଯଶୱିନ୍ଦର ସିଂହ, ଅନୁବାଦ : ଶକୁନ୍ତଳା ବଳିଆରସିଂହ**

ସଲମାନ୍ ଆଉଥରେ ଡାଲି ମାଗିଲା । ଢାବା ମାଲିକ ତାକୁ ଏମିତି ଗାରଡ଼େଇ ଅନେଇଲା ଯେ ବିଚାରା ସଙ୍କୁଚିତ ହୋଇଗଲା, "ଠିକ୍ ଅଛି, ନ ଦିଅ- ଯଦି ଦବାକୁ ନ ଚାହୁଁଚ । ତମ ପେଟ କାଟୁ... ଯେ ତ ସର୍ଦାରର ଖାଦ୍ୟ... ଆଉ ତମେ ! ତମେ ସେମାନଙ୍କ ମାମୁ ନା' କ'ଣ ?" ସେ ଉଠି ଯିବାକୁ ବାହାରିଲା ।

**ପଞ୍ଜାବୀ ଗଳ୍ପ : ଗହନ ମନର ସେ ନାରୀଟି**

**ମୂଳ ରଚନା : ତଲ୍‌ବିନ୍ଦର ସିଂହ, ଅନୁବାଦ : ବିନୋଦିନୀ ପାତ୍ର**

"କଥାକୁ ସବୁବେଳେ କାହିଁକି ଏମିତି ମରଣ ଦିଗକୁ ନେଇ ଯାଉଚ ଚନ ?" ତାଙ୍କ କଥା ମଝିରୁ ମୁଁ କହି ଉଠେ । ଆମର କଥୋପକଥନ ବେଳେ ପ୍ରତ୍ୟେକ ପାଞ୍ଚ ଛଅଟି ବାକ୍ୟ ଭିତରେ କେଉଁଠି ନା କେଉଁଠି ମୃତ୍ୟୁର ସୂଚନା ପଶି ଆସେ ।

**ପଞ୍ଜାବୀ ଗଳ୍ପ : ଶିଙ୍ଗ ନ ଥିବା ଷଣ୍ଢ**

**ମୂଳ ରଚନା : ହରଭଜନ ସିଂହ, ଅନୁବାଦ : ଆଶିଷ କୁମାର ଗଡ଼ନାୟକ**

ସବୁ କଥା ଗୋଟେଗୋଟେ ପ୍ରଶ୍ନ ପାଲଟି ଯାଉଥିଲା । ମୋ ସ୍ତ୍ରୀ ସିମ୍‌ରନ୍‌ର ସ୍ମୃତି ମୋ ମୁଣ୍ଡ ଭିତରେ ଆଉଗୋଟେ ଝଡ଼ ତିଆରି କରିଦେଲା । ସିମ୍‌ରନ୍‌ର ମୁହଁଟା ଆଖି ଆଗରେ ଝଲସି ଉଠିଲା । ମତେ କେମିତି ଗୋଟେ ଉଷୁମ୍ ଉଷୁମ୍ ଲାଗିଗଲା । ଥଣ୍ଡା ନୁହେଁ । ମୁଁ ଟଳିଟଳି ଉଠି ରୁମ୍ ହିଟର୍‌କୁ ବନ୍ଦ୍ କରିବାକୁ ଚେଷ୍ଟାକଲି ।

**ପଞ୍ଜାବୀ ଗଳ୍ପ : କ୍ରୀତ କନ୍ୟା**

**ମୂଳ ରଚନା : ବିନା ବର୍ମା, ଅନୁବାଦ : ଦିଲିପ କୁମାର ବିଷୋୟୀ**

ଲଛମୀର ଦିନ କିମିତି କଟୁଛି ତାହା ବୁଝିବାକୁ ମଗ୍‌ଗର ସିଂହର କୌଣସି ଆଗ୍ରହ ନଥିଲା । ସେଥିପାଇଁ ତା'ର ସମୟ ବି ନ ଥିଲା । ସେ ଘରେ ଆଦୌ ଖାଉ ନ ଥିଲା । ସଦାବେଳେ ବାହାରେ ଖାଇଦେଇ ଫେରୁଥିଲା । ଅବଶ୍ୟ, ସେ ଲଛମୀକୁ ଖାଇବା ପାଇଁ ପଇସା ଦେଇ ଦେଉଥିଲା । ପ୍ରଥମ ଦିନ ସେ ତା' ପାଇଁ ଢାବାରୁ ଖାଇବାକୁ ନେଇ ଆସିଥିଲା ।

**ପଞ୍ଜାବୀ ଗଳ୍ପ : ଇକ୍‌ବାଲ୍ ହୁସେନ ମରି ନାହାନ୍ତି**

**ମୂଳ ରଚନା : ଅଜ୍‌ମୀର ସିଧୁ, ଅନୁବାଦ : ସୁଜାତା ଆଚାର୍ଯ୍ୟ**

ସେ ବୁଢ଼ୀର କଥାସବୁ ମୋ ଦେହରେ ଯେମିତି ନିଆଁ ଲଗାଇଦେଉଥିଲା । ମୋ ଆଖି ରାଗରେ ରକ୍ତବର୍ଣ୍ଣ ହୋଇଯାଉଥିଲା । ଉକୁଣି ପରି ରକ୍ତ ଶୋଷି ନେଉଥିବା ଡାହାଣୀ ବୁଢ଼ୀ ସତେ ଯେମିତି ଉଚ୍ଚ ଜାତିର ବ୍ରାହ୍ମଣମାନଙ୍କ ଭଳି ଅଭିଶାପ ଦେଇ ଚାଲିଥାଏ । କେବଳ ଭଗବାନ ହିଁ ଜାଣନ୍ତି, ତା' ଭଳି କେତେ କ୍ରୀତଦାସୀ ବଂଶାନୁକ୍ରମେ ଆମ ଘରେ ପାଇଟି କରି ଆସୁଥିଲେ ।

**ପଞ୍ଜାବୀ ଗଳ୍ପ : ହତ୍ୟା**

**ମୂଳ ରଚନା : ଜୀନ୍ଦର, ଅନୁବାଦ : ଅନିନ୍ଦିତା ସାହୁ**

ଯିଏ ବି ଭିତରକୁ ଆସୁଥିଲା ଜୋତା ବାହାରେ ରଖିବା ବାଧ୍ୟ ଥିଲା । ଦିନେ ବାପୁଙ୍କ ପ୍ରିୟ ବନ୍ଧୁ ମୋହନ ଜୋତା ପିନ୍ଧି ରୁମ୍ ଭିତରକୁ ପଶିଆସିଥିଲେ । ହୁଏତ ସେ ତାଙ୍କର ନୂଆ ଜୋତା ହଳକ ବାପୁଙ୍କୁ ଦେଖେଇବା ପାଇଁ ଚାହୁଁଥିଲେ । ବାପୁ ତାଙ୍କୁ କିଛି କହିଲେ ନାହିଁ । ଗୋଟେ ବାଡ଼ିରେ ଜୋତାହଳକୁ ଟେକି ବାହାରକୁ ଫିଙ୍ଗିଦେଲେ ।

## ଆତ୍ମଜୀବନୀ : ୱାନ୍ ଜିରୋ ୱାନ୍
## ମୂଳ ରଚନା : ଅଜିତ୍ କୌର, ଅନୁବାଦ : ମିତ୍ରା ଦାସ

ନିଃସହାୟ ପରି ନିଃସହାୟ ! ହତବୁଦ୍ଧି ! ଯେପରି କି ନିଃଶ୍ୱାସ ଗଳାରେ ଅଟକି ଯାଇଛି- ଏକ ଶକ୍ତ ପଥୁରିଆ ବଲ୍ ପରି। ସମୟ ଯେମିତି ନିଃଶ୍ୱାସ ବନ୍ଦ କରି ଛିଡ଼ା ହୋଇପଡ଼ିଛି। ରାତି ଅନ୍ଧାରରେ ଦେହରେ ଯେମିତି ଶହ-ଶହ-ହଜାର ହଜାର ନଖସବୁ ଉଠିଛି। ପଞ୍ଜରା ହାଡ଼ ଉପରେ ଯେମିତି କିଏ ଗୋଟାଏ ଭାରି ଶିଳ ରଖିଦେଇଛି।

## ଆତ୍ମଜୀବନୀ : ଅଗ୍ନି ସ୍ନାନ
## ମୂଳ ରଚନା : ଅମ୍ରିତା ପ୍ରୀତମ୍, ଅନୁବାଦ : ନନ୍ଦିନୀ ଶତପଥୀ

ପ୍ରଖ୍ୟାତ ପଞ୍ଜାବୀ ଲେଖିକା ଅମ୍ରିତା ପ୍ରୀତମ୍‌ଙ୍କର ଭାରତୀୟ ସାହିତ୍ୟକୁ ଅବଦାନ ଅତୁଳନୀୟ। ତାଙ୍କ ରଚନା ଭିତରେ ରହିଛି କବିତା, ଉପନ୍ୟାସ, ଗଳ୍ପ ଓ ଆତ୍ମଜୀବନୀ। ଲେଖିକାଙ୍କ ଆତ୍ମଜୀବନୀ 'ରେଭିନ୍ୟୁ ଟିକଟ' ଭାରତୀୟ ସାହିତ୍ୟରେ ଏକ ବିଶିଷ୍ଟ ସ୍ଥାନ ଦାବି କରେ। ଏହାକୁ ଓଡ଼ିଆରେ ଅନୁବାଦ କରିଥିଲେ ପ୍ରଖ୍ୟାତ ଲେଖିକା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ। ଏହାର କିୟଦଂଶ କାଦମ୍ବିନୀ'ର ପାଠକ/ପାଠିକାଙ୍କ ପାଇଁ ଏଠାରେ ପ୍ରକାଶ କରୁଛୁ।

## ବିଶେଷ ପ୍ରସଙ୍ଗ : ଅମ୍ରିତା ପ୍ରୀତମ: ମୁଁ ତାଙ୍କୁ ଯେମିତି ଜାଣେ
## ଲେଖିକା : ପ୍ରବାସିନୀ ମହାକୁଡ଼

ଅମ୍ରିତା ଦୁଇ ଚାରିଦିନ ଅସ୍ଥିର ହେଇଯାଉଥିଲେ, ପୁଣି ନିଜକୁ ସମ୍ଭାଳି ନେଇଥିଲେ। ଇମ୍‌ରୋଜଙ୍କୁ ଦେଖିଲେ ମୋ ଭାବନାର ଥଳକୂଳ ରହେନି। ସୁନ୍ଦର ଚେହେରା। ପିନ୍ଧିଥିବେ ଢିଲାକୁର୍ତ୍ତା ଓ ସେରୱାନୀ। ବେଶ୍ ଡେଙ୍ଗା। ତାଙ୍କୁ ଥରେ 'ଆଦାବ୍' ବୋଲି କହିଦେଇଥିଲି। କହିଲେ 'ମୋତେ ମୁସଲ୍‌ମାନ ବୋଲି ଭାବିଲୁ କି ? ମୁଁ ସାହିର ନୁହେଁ।' କହିଲି 'ଜାଣିଛି'। ପ୍ରସିଦ୍ଧ ଗୀତିକାର ସାହିର ଲୁଧୟାନବୀଙ୍କ ବଡ଼ ଫଟୋଟେ ଅମୃତାଙ୍କ ଶୋଇବା ଘରେ ଲାଗିଥିଲା। ଇମ୍‌ରୋଜ ଚିହ୍ନେଇ ଦେଇଥିଲେ। ଥରେ ତ ଇମ୍‌ରୋଜ କହିଥିଲେ, "ଜାଣିଛୁ ତୋ' ଅମି ଯଦି ବୁର୍ଖା ପିନ୍ଧି ସାହିର ଘରେ ନମାଜ୍ ପଢୁଥାଆନ୍ତା ସେଠୁ ବି ତାକୁ ନେଇ ଆସିଥାନ୍ତି।" ସାହିରଙ୍କ ସହ ଅମ୍ରିତାଙ୍କ ସମ୍ପର୍କ କଥା ସମସ୍ତେ ଜାଣନ୍ତି।

## ପଞ୍ଜାବୀ ସଂସ୍କୃତି : ପଞ୍ଜାବର ସାଂସ୍କୃତିକ ଧାରା
## ଲେଖିକା : ନମ୍ରତା ଚଢ଼ା

ସାଂସ୍କୃତିକ ବିବିଧତାରେ ଭରା ଭାରତବର୍ଷରେ ପଞ୍ଜାବୀ ହେଉଛନ୍ତି ଗୋଟିଏ ଐତିହ୍ୟସମ୍ପନ୍ନ ଜାତି। ଝେଲମ୍, ରାବି, ସତ୍‌ଲେଜ୍, ବିଜ୍ ଓ ଚେନାବ୍: ଏହି ପଞ୍ଚନଦୀର ରାଜ୍ୟ, ପଞ୍ଜାବ ଓ ତା'ର ଅଧିବାସୀ ହେଉଛନ୍ତି ପଞ୍ଜାବୀ। ଗୁରୁ ପରମ୍ପରାରେ ବିଶ୍ୱାସୀ ଏହି ବୀର ଜାତିର ସାଂସ୍କୃତିକ ଧାରା ବି ବୈଚିତ୍ର୍ୟମୟ। ତାଙ୍କ ନାଚ-ଗୀତ, ପର୍ବପର୍ବାଣି ପାଳିବାର ଢଙ୍ଗ ଓ ବିବାହ ଆଦି ଉତ୍ସବ ଦର୍ଶକର ମନ ମୋହିନିଏ। ସେହି ବିଭାବର୍ଣ୍ଣ ସଂସ୍କୃତିର କେତୋଟି ବିଭା ଏଠାରେ।

## ପଞ୍ଜାବୀ ସଂସ୍କୃତି : ଲଙ୍ଗର
## ଲେଖିକା : ସଙ୍ଗୀତା ଗୋସାଇଁ

ପରସ୍ପର ବାଣ୍ଟିଣ ଖାଇବା ନୀତିରେ ହୋଇଛି 'ଲଙ୍ଗର୍'ର ପରିକଳ୍ପନା। ଗୁରୁଙ୍କର ରୋଷଘରୁ ଆରମ୍ଭ ଗୁରୁ କା ଲଙ୍ଗର୍। କେତେ ଶହ ବର୍ଷ ବିତିଗଲାଣି, ମାତ୍ର ଶିଖ୍‌ଧର୍ମ ଗୁରୁଦ୍ୱାର ଆଉ ଲଙ୍ଗର୍ ଦୁଇଟିକୁ କେବେ ଛାଡ଼ିନି ବରଂ ଦେଇଛି ଅଧିକ ଗୁରୁତ୍ୱ। ସାରା ପୃଥିବୀର କୋଣ ଅନୁକୋଣରେ ଯେଉଁଠି ଶିଖ୍ ସଂପ୍ରଦାୟର ଲୋକ ରହିଛନ୍ତି, ନିଶ୍ଚିତ ରୂପେ ସେଠି ଗୁରୁଦ୍ୱାର ଆଉ 'ଲଙ୍ଗର୍' ଥିବ। ସାଧାରଣ ଭାବରେ ଗୁରୁଦ୍ୱାର ମାନଙ୍କରେ ସକାଳେ ଏବଂ ସନ୍ଧ୍ୟାବେଳେ ପ୍ରତିଦିନ ଲଙ୍ଗର୍‌ର ବ୍ୟବସ୍ଥା ଥାଏ। ଗୁରୁଦ୍ୱାର ଭିତରେ ଥିବା ବଡ଼ ହଲ୍ (ଲଙ୍ଗର୍ ହଲ୍)ରେ ଏହା ଅନୁଷ୍ଠିତ ହୁଏ।

## ପର୍ଯ୍ୟଟନ : ଆସ ବୁଲିଯିବା ପଞ୍ଜାବ

ପଞ୍ଜାବ ଏକ ସୁସମୃଦ୍ଧ ଓ ସୁସଂସ୍କୃତ ରାଜ୍ୟ। ଅନେକ ଦୃଷ୍ଟିରୁ ନିଆରା ଏହି ରାଜ୍ୟ। ପଞ୍ଜାବର ଏହି ନିଆରାପଣ ହିଁ ଆକର୍ଷିତ କରିଥାଏ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଥରେ ଏଠାକୁ ଆସି ବୁଲିଯିବା ପାଇଁ। ସେଥିପାଇଁ ବର୍ଷସାରା ପର୍ଯ୍ୟଟକମାନଙ୍କ ଧାଡ଼ି ଲାଗିଥାଏ ପଞ୍ଜାବକୁ ଏବଂ ଆତ୍ମସନ୍ତୋଷର ସହ ସେମାନେ ଫେରିଥାନ୍ତି। ପଞ୍ଜାବର ସେହିସବୁ ପର୍ଯ୍ୟଟନ ସ୍ଥଳୀକୁ ନେଇ ଏହି ଭ୍ରମଣାଲେଖ୍ୟ। ପ୍ରସ୍ତୁତି: ଅମିତାଭ ଖିଲାର

## ପଞ୍ଜାବୀ ଚଳଚ୍ଚିତ୍ର : ପଞ୍ଜାବର ରୂପେଲି ଦୁନିଆ

ଭାରତବର୍ଷରେ ପଞ୍ଜାବ ଏକ ସୁସମୃଦ୍ଧ ସଂସ୍କୃତିସଂପନ୍ନ ରାଜ୍ୟ। ଏହି ରାଜ୍ୟର କଳା, ସଂସ୍କୃତି, ପ୍ରଥା, ପରମ୍ପରା ଓ ଚଳଣି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଆସିଛି। ଏସବୁକୁ ନେଇ ପଞ୍ଜାବର ସିନେ ଦୁନିଆ ମଧ୍ୟ ମୁଖର। ପଞ୍ଜାବୀ ସିନେମା ଜଗତ ସହ ସଂପୃକ୍ତ ବହୁ ସିନେ ବ୍ୟକ୍ତିତ୍ୱ ଜାତୀୟ ହିନ୍ଦୀ ସିନେମାରେ ଖୁବ୍ ସୁଖ୍ୟାତି ଅର୍ଜନ କରିଛନ୍ତି ତ ଜାତୀୟ ସିନେମାର ବିଶିଷ୍ଟ ବ୍ୟକ୍ତିତ୍ୱଗଣ ପଞ୍ଜାବୀ ସିନେମା ସହ ଯୋଡ଼ି ହେବା ପାଇଁ ବିଭିନ୍ନ ସମୟରେ ପ୍ରୟାସ କରିଛନ୍ତି। ପୁଣି ଜାତୀୟ ସିନେମା ମଧ୍ୟ ଅନେକ ଦୃଷ୍ଟିରୁ ପଞ୍ଜାବୀ ସିନେମା ଦ୍ୱାରା ପ୍ରଭାବିତ। ସମ୍ଭବତଃ ଜାତୀୟ ହିନ୍ଦୀ ସିନେମା ଅନ୍ୟ କୌଣସି ଆଞ୍ଚଳିକ ସିନେମା ଦ୍ୱାରା ଏତେ ପରିମାଣରେ ପ୍ରଭାବିତ ନୁହେଁ! ହାସ୍ୟ ଓ ସଙ୍ଗୀତ ମାଧ୍ୟମରେ କେମିତି ସିନେମାରୁ

ମନୋରଞ୍ଜନ ପାଇହେବ, ତାହା ପଞ୍ଜାବୀ ସିନେମାରୁ ଶିଖିବାର କଥା। ଏହା ଏକ ନିଆରା ଧାରା। ଦେଶ ବିଭାଜନ ପରେ ନୂଆକରି ଗଢ଼ି ଉଠିଥିବା ପଞ୍ଜାବୀ ସିନେ ଦୁନିଆ ଆଜିପର୍ଯ୍ୟନ୍ତ କେମିତି ଗତି କରିଆସିଛି, ସେ ସଂପର୍କରେ ଏକ ବିହଙ୍ଗାବଲୋକନ। ଆଲେଖ୍ୟ: ଅମିତାଭ ଖିଲାର।

## ପଞ୍ଜାବୀ ରୋଷେଇ: ପଞ୍ଜାବୀ ଖାଦ୍ୟ ଶୈଳୀ

ଭାରତ ଏକ ପ୍ରାକୃତିକ ସୌନ୍ଦର୍ଯ୍ୟ ବିମଣ୍ଡିତ ଦେଶ। ସେହି ସୌନ୍ଦର୍ଯ୍ୟ ବିମଣ୍ଡିତ ଦେଶ ଭାରତର ଏକ ସୁନ୍ଦର ରାଜ୍ୟ ହେଉଛି ପଞ୍ଜାବ। ପ୍ରତ୍ୟେକ ରାଜ୍ୟ, ଅନ୍ୟ ରାଜ୍ୟଠୁ ଭିନ୍ନ। କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ତଥା ଖାଦ୍ୟ ଶୈଳୀ ସବୁଥିରେ କିଛିଟା ଭିନ୍ନତା ତଥା ସ୍ୱାତନ୍ତ୍ୟ ପରିଲକ୍ଷିତ ହୋଇଥାଏ। ସେହି ଦୃଷ୍ଟିରୁ ଦେଖିଲେ, ପଞ୍ଜାବ ଏପରି ଏକ ରାଜ୍ୟ ଯାହା ନିଜର ସ୍ୱତନ୍ତ୍ର ଖାଦ୍ୟ ଶୈଳୀ ପାଇଁ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ବେଶ୍ ବାରି ହୋଇପଡ଼େ। ପଞ୍ଜାବର ଏହି ନିଆରା ଖାଦ୍ୟ ପରମ୍ପରା ଓ ଶୈଳୀକୁ ନେଇ 'କାଦମ୍ବିନୀ'ର ଏକ ବିଶେଷ ଉପସ୍ଥାପନା। ଉପସ୍ଥାପନା: ଅମ୍ରିତା ମହାନ୍ତି।

## ମନୋରଞ୍ଜନ : ୨୦୧୭ର ଓଡ଼ିଆ ଚଳଚ୍ଚିତ୍ର

ଦୀର୍ଘ ଏକାଅଶୀ ବର୍ଷ। ଗୋଟିଏ ଅନୁଷ୍ଠାନ ବା ଗୋଟିଏ କ୍ଷେତ୍ରର ସମ୍ମାନଜନକ ପ୍ରତିଷ୍ଠା ପାଇଁ ଏକାଅଶୀ ବର୍ଷ କିଛି କମ୍ କଥା ନୁହେଁ। ଏହି ସମୟ ମଧ୍ୟରେ ଅନୁଷ୍ଠାନ ବା କ୍ଷେତ୍ରଟିଏ ସଂପୂର୍ଣ୍ଣ ପ୍ରତିଷ୍ଠିତ ହୋଇପାରେ, ଭୁଶୁଡ଼ି ଯାଇପାରେ ଅଥବା ଯେନତେନ ସ୍ଥିତାବସ୍ଥା ବଜାୟ ରଖି ରହିଯାଇପାରେ ! ଏହି ପରିପ୍ରେକ୍ଷୀରେ ଆମ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅବସ୍ଥା ହେଉଛି କ'ଣ ? ଦୁଇହଜାର ସତର ବର୍ଷର ବିଦାୟବେଳା ଏବଂ ଦୁଇହଜାର ଅଠର ବର୍ଷର ଆଗମନର ସନ୍ଧିକ୍ଷଣରେ ଏମିତିକା ପ୍ରଶ୍ନଟେ ମନରେ ଉଠିବା ସ୍ୱାଭାବିକ। ତା'ହେଲେ ଆସନ୍ତୁ ଦେଖିବା ଦୁଇହଜାର ସତର ବର୍ଷ କେମିତି କଟାଇଥିଲା ତା'ର ସୁନେଲି ସମୟ ଓଡ଼ିଆ ଚଳଚ୍ଚିତ୍ରର ରୁପେଲି ପରଦାରେ। କେତୋଟି ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା ଏହି ବର୍ଷ ? କେମିତି ଥିଲା ସେସବୁର ସ୍ୱରୂପ ? ଏକ ବିହଙ୍ଗାବଲୋକନ। ଉପସ୍ଥାପନା : ଅମିତାଭ ଖିଲାର।

## କବିତା

ଏଥର କବିତାରେ ରହିଛି ୧୮ଟି ପଞ୍ଜାବୀ କବିତାର ଅନୁବାଦ: ଅମ୍ରିତା ପ୍ରୀତମଙ୍କ 'ଦୁଇଟି କବିତା', ଅନୁବାଦ: ପ୍ରବାସିନୀ ମହାକୁଡ଼; ମୋହନ ସିଂହଙ୍କ 'ଜାଗାବାଡ଼ି', ଅନୁବାଦ: ମନୋରମା ବିଶ୍ୱାଳ ମହାପାତ୍ର; ପ୍ରଭଜୋତ୍ କୌରଙ୍କ 'ଟିକେ ରହିଯା'ରେ ବାଟୋଇ', ଅନୁବାଦ: ସୁରେନ୍ଦ୍ର ପାଣିଗ୍ରାହୀ; ରବିନ୍ଦର ରବିଙ୍କ 'ଗ୍ଲୋବାଲ୍ ୱାର୍ମିଂ', ଅନୁବାଦ: ଭାରତ ମାଝୀ; ସୁତିନ୍ଦର ସିଂହ ନୁର୍ 'ପ୍ରେମ ଓ ପୁସ୍ତକ', ଅନୁବାଦ: ବିଭାବତୀ ଦାଶ; ପାଶଙ୍କ 'ଘାସ', ଅନୁବାଦ: ମାନମୟୀ ରଥ; ସୁକ୍ରିତାଙ୍କ 'ଅନ୍ତିମ ଯାତ୍ରାର ବିବରଣୀ', ଅନୁବାଦ: ସୁରେନ୍ଦ୍ର ମିଶ୍ର; ବାବା ବଳବନ୍ତଙ୍କ 'ଗୋଟେ ନା ଦି'ଟା ହୃଦୟ ତୋର', ଅନୁବାଦ: କେଦାର ପୃଷ୍ଟି; ମୋହନଜୀତଙ୍କ 'ଶବ୍ଦ ଯୌବନ', ଅନୁବାଦ: ସୂର୍ଯ୍ୟ ଦେଓ; ଦେବଙ୍କ 'ପ୍ରବାସ', ଅନୁବାଦ: ନବଜ୍ୟୋତି ରାୟ; ସୁରଜିତ୍ ପାତରଙ୍କ 'ଘଡ଼ି', ଅନୁବାଦ: ବିଜୟଲକ୍ଷ୍ମୀ ପରିଡ଼ା; ଯଶବନ୍ତ ଦୀଦଙ୍କ 'ମିଳନ', ଅନୁବାଦ: ସୁରେନ୍ଦ୍ର ମିଶ୍ର; ଅମରଜିତ୍ କୌଙ୍କେଙ୍କ 'ରେସର୍ ଘୋଡ଼ା', ଅନୁବାଦ: ଇତି ସାମନ୍ତ; ନିରୁପମା ଦତ୍ତଙ୍କ 'ସପ୍ତମ ଦଶକ', ଅନୁବାଦ: ସୁନୀତା ଦେବୀ; ପାଲ୍ କୌରଙ୍କ 'ଫୋକସ୍', ଅନୁବାଦ: ସବିତା ମିଶ୍ର; ବନୀତାଙ୍କ 'ତମେ ଯିବା ପରେ', ଅନୁବାଦ: କେଦାର ପୃଷ୍ଟି; ଲଖବିନ୍ଦର ଜୋହଲଙ୍କ 'ଯେତେବେଳେ', ଅନୁବାଦ: ଅମ୍ରିତା ମହାନ୍ତି ଓ ଗୁରପ୍ରୀତ୍‌ଙ୍କ 'ଅତିକ୍ରମ', ଅନୁବାଦ: ହେନେରୀତା ମିଶ୍ର।

## ଚଳନ୍ତିକା

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ, ରାଜ୍ୟ ଟେଲି ପୁରସ୍କାର ଉତ୍ସବ, ରାଜଧାନୀ ପୁସ୍ତକମେଳା, ସଙ୍ଗୀତରେ ଶଶୀଙ୍କୁ ଶ୍ରଦ୍ଧାଞ୍ଜଳି ଓ କିଟ୍ ଫେଷ୍ଟ ଓ ସୁରତରଙ୍ଗ ସମାରୋହ।

## ରାଶିଫଳ ଓ ତିଥି-ବାର-ବେଳା

ଜାନୁଆରୀ ମାସର ଭାଗ୍ୟଫଳ ସାଙ୍ଗକୁ ଜାନୁଆରୀ ଓ ଫେବୃଆରୀ ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

## ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

## ରୂପଚର୍ଯ୍ୟା

ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

## ସ୍ୱାସ୍ଥ୍ୟ ସୂଚନା : ବୃକକ୍ ଖରାପଜନିତ ସମସ୍ୟା ଓ ଖାଦ୍ୟପେୟ

ଆମ ଶରୀରରେ ବୃକକ୍ ବା କିଡ୍‌ନୀ ହେଉଛି ଏକ ଜରୁରୀ ଅଙ୍ଗ। ଏହା ଶରୀରରେ ଚାଲୁଣି ଭଳି କାମ କରିଥାଏ। ଏହା ରକ୍ତରୁ ଦରକାରୀ ପଦାର୍ଥ ଛାଣି ରଖେ ଏବଂ ଅଦରକାରୀ ବା ବିଷାକ୍ତ ପଦାର୍ଥ ଓ ଅତିରିକ୍ତ ପାଣିକୁ ପରିସ୍ରା ଦ୍ୱାରା ବାହାର କରି ଦେଇଥାଏ। ବୃକକ୍ ଖରାପ ହୋଇଗଲେ କିମ୍ବା ଠିକ୍ ରୂପେ କାର୍ଯ୍ୟ ନ କଲେ, ବିଷାକ୍ତ ପଦାର୍ଥ ଶରୀରରୁ ବାହାରିପାରେ ନାହିଁ। ଫଳରେ ବିଭିନ୍ନ ସମସ୍ୟା ଦେଖାଯାଇଥାଏ।

■■■